ଶ୍ରୀମତୀ ବସନ୍ତକୁମାରୀ ପଟ୍ଟନାୟକ ଏମ୍. ଏ

Digitized by srujanika@gmail.com

ଚିତାନଳ

କୁଆଁର ଭଙ୍ଗା (ଏକାଙ୍କିକା) ସଭ୍ୟତାର ସାଜ (ଗଳ୍ପ)
ଅମଡ଼ା ବାଟ (ଉପନ୍ୟାସ)
ଭଉଁରୀ ପ୍ରଭୃତିର

ଲେଖିକା

ଶ୍ରୀମତୀ ବସନ୍ତକୁମାରୀ ପଟ୍ଟନାୟକ ଏମ୍. ଏ.

ପ୍ରକାଶକ

ଶାନ୍ତି-ନିବାସ ବାଣୀ ମନ୍ଦିର
ପୁରୀଘାଟ ରୋଡ଼,
କଟକ—୧

ପ୍ରଥମ ପ୍ରକାଶ
୧୯୫୭

ମୂଲ୍ୟ—ଏକଟଙ୍କା
ଅତିରିକ୍ତ ନାହିଁ

Digitized by srujanika@gmail.com

ଚିତାନଳ ଓ ଏହି ପ୍ରକାଶନୀର ସମସ୍ତ ପୁସ୍ତକ ପ୍ରକାଶକଙ୍କ ନିକଟରେ ଓ ଓଡ଼ିଶାର ସମସ୍ତ ବିଶିଷ୍ଟ ପୁସ୍ତକ ଦୋକାନମାନଙ୍କରେ ମିଳେ ।

ଦି ଉତ୍କଳ ଷ୍ଟୋର୍ସ, ବାଲୁବଜାର, କଟକ—୨ ଠାରେ ଏହି ପ୍ରକାଶନୀର ସମସ୍ତ ପୁସ୍ତକ ଯଥେଷ୍ଟ ପରିମାଣରେ ରକ୍ଷିତ ଥାଏ ।

ପ୍ରକାଶକଙ୍କ ନିକଟରୁ ଯେ କୌଣସି ସମୟରେ ପାଞ୍ଚଟଙ୍କା ବା ତହିଁରୁ ଊର୍ଦ୍ଧ୍ୱ ମୂଲ୍ୟର ପୁସ୍ତକ ନେଲେ ବିନା ପାର୍ଶଲ ଖର୍ଚ୍ଚରେ ମନିଅର୍ଡ଼ର ଓ ଭି. ପି. ଖର୍ଚ୍ଚ ଛାଡ଼ି ଦିଆଯାଇ ପୁସ୍ତକ ପଠାଇ ଦିଆଯାଏ ।

ଅଗ୍ରିମ ଦୁଇଟଙ୍କା ପଠାଇବା ଦରକାର ।

ପ୍ରକାଶକ

ଶାନ୍ତି-ନିବାସ ବାଣୀ ମନ୍ଦିର

ପୁରୀଘାଟ ରୋଡ୍,

କଟକ—୧

ମୁଦ୍ରାକର

ପଣ୍ଡିତ ଶ୍ରୀ ଭୁବନେଶ୍ୱର ମିଶ୍ର

ପ୍ରଭାତୀ ପ୍ରେସ

କଟକ—୨

Digitized by srujanika@gmail.com

ଉପହାର—

Digitized by srujanika@gmail.com

ପ୍ରଚ୍ଛଦପଟର ରୂପକର —

ଶିଳ୍ପୀ ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ଦାସ

ରେଭେନ୍ସ ଷ୍ଟ୍ରୀଟ୍

କଟକ— ୧

Digitized by srujanika@gmail.com

ଶ୍ରୀମତୀ ବେଲ୍ ଘୋଷ—

ଝିଲ ଏ ବିଶ୍ୱର ଯେତେ ଜଳକଣା ହୋଇ ଠୁଳ
ପାରେ ନାହିଁ ଲିଭାଇ ଯାହାରେ
ସେଇ ପୁଣି ବେଳେ ବେଳେ ଲିଭିଯାଏ ଅବହେଳେ
ଏକ ବିନ୍ଦୁ ଝୁରା ଅଶ୍ରୁ ତଳେ ।

× × × ×

ଜାଳିଛି ମୁଁ 'ଶତାନଳ' ଜଳାଅ ଗୋ କିଛି ବେଳ
ଆଗୋ ବନ୍ଧୁ ! ଲିଭାଅନା ତାରେ—
ଆସେ ଅବସାଦ ସତ, ଉକୁଟେ ଆଲୋକ କଳୁ
ଶ୍ମଶାନର ରୁକ୍ଷ ବୁକୁପରେ ।

Digitized by srujanika@gmail.com

ସବୁ ଯିବ ପୋଡ଼ି ଜଳି   ହାତେ ଶତା ଭସ୍ମ-ଭରି
ସର୍ବହରା ଫେରିଯିବୁ ଘରେ
ଆଖି ଦେଖା ଛବି ସାଥେ   ଭସ୍ମର ପ୍ରଭେଦ କେତେ
ଛୁଇଁବୁ କି ବୁଝିବାକୁ ଥରେ ?

ଝରିବନି ଆଖି ଲୁହ   ଉଠିବନି ବୁକୁ କୋହ
ସର୍ବଂସହା ବସୁମତୀ ଭୁ ସେ
ଅଥଳ ସାଗର ତଟେ   ଶୂନ୍ୟତାର ଢେଉ ଉଠେ
ପ୍ରତିବାଣୀ ମରମରେ ବାଜେ ।

ତୋର
ବସନ୍ତ

Digitized by srujanika@gmail.com

ଶ୍ରୀଯୁକ୍ତ ଭଗବାନ ପଣ୍ଡା

କରକମଳେଷୁ ।

ତୁମ ହାତ ବାଜ 'ଚଣ୍ଡାନଳ' ଆଜ

ଦୁନଆ-ଦୁଆରେ ଠିଆ

ତୁମରେ ଦେ କବ ! ଜଣାଏ ପ୍ରଣତ

ଚଣ୍ଡାନଳର ଏ ନଆଁ ।

ବସନ୍ତ

Digitized by srujanika@gmail.com

ସୂଚୀ

ବିଷୟ		ପୃଷ୍ଠା
୧ ।	ଅର୍ଘ୍ୟ	ଏକ
୨ ।	ଅଳୁହା	ଦୁଇ
୩ ।	ଝାଙ୍ଗି	ଛଅ
୪ ।	ଅଶାନ୍ତ	ନଅ
୫ ।	ଦୃଷ୍ଟିପାତ	ବାର
୬ ।	ବନ୍ଧନ	ଚଉଦ
୭ ।	ଅଭିମାନିମା	ସତର
୮ ।	କୁହେଳି	ଏକୋଇଶି
୯ ।	ବ୍ୟର୍ଥତା	ଚବିଶି
୧୦ ।	ପ୍ରତୀକ୍ଷା	ଅଠେଇଶି
୧୧ ।	ପରାଜୟ	ବତିଶି
୧୨ ।	ଅନ୍ୱେଷଣ	ସଇଁତିରିଶି
୧୩ ।	ପ୍ରଶ୍ନ ...	ଏକଚାଳିଶି
୧୪ ।	ବନ୍ଧମା ...	ଚଉରାଳିଶି
୧୫ ।	ସାଥୀ	ଏକାବନ
୧୬ ।	ଲାଂଛିତା	ଛପନ
୧୭ ।	ଆଶା	ଅଣଷଠି
୧୮ ।	ପରଦା	ବାଆଷଠି
୧୯ ।	ଝରା ପାଖୁଡ଼ା	ଚଉଷଠି

Digitized by srujanika@gmail.com

—ଅର୍ଘ୍ୟ—

ପ୍ରାଚୀତଟେ ଶୁଭବେଦ୍ୟ ତଳେ
ଶୁଣିପାରେ ତବ ଜୟ ଭେରୀ
ଆସିବାକୁ ଡେର କଆଁ ଏତେ
ଶତାବ୍ଦୀର ବନଦ୍ର ପ୍ରହରୀ ?

Digitized by srujanika@gmail.com

ଅର୍ଘ୍ୟ

ଦୁର୍ବଳର ଲହୁ ପିଇ ଯନ୍ତ୍ରୀ
ଆଜ ପାଏ ବଞ୍ଚିବା ଆସ୍ୱାଦ
ସେ ମାଟିରେ ତବ ପଦରେଣୁ
ଉଡ଼ିଦେବ ଯେତେ କୁତ୍ସାବାଦ ।

ଆମ ହିଂସା ଆମ ସଭ୍ୟତାରେ
ଘୃଣା ଖାଏ ଅଲକ୍ଷ୍ୟରେ ବସି
ଗୃହଆଡ଼େ ମିଛ ଜୁଆରେ ଗୃଷ୍ଟ
ଦୁସ୍ଥର ଅନାଥର ମସୀ ।

Digitized by srujanika@gmail.com

ଅର୍ଘ୍ୟ

ଶ୍ରାନ୍ତ କ୍ଲାନ୍ତ କ୍ଷୁବ୍ଧ ଜନତାରେ
ଦେବାପାଇଁ ପଥର ସନ୍ଧାନ
ନାହିଁ କେହି ନାଉରିଆ ଏଥି
ବନ୍ଧୁ ବିହୁଁ ତୁମ ଆଗମନ ।

ତବ ଶୁଭ ଆଗମନେ ସଦ୍ୟ
ଶୋକାନଳର ଶୋକ ଯାଏ ଲିଭି
ହେ ପ୍ରହର ! ବେଗେ ତୁମେ ଆସ
ଦେଶ ଯାଏ ରସାତଳେ ଦବି ।

Digitized by srujanika@gmail.com

—ଅଲୁହା—

କାହାର ଚରଣ ଶିଞ୍ଜିନୀ ସଖି !
ହଜେ ବେଳାଭୂମି ପାରେ
ମନର ଅଲୁହା ବେଦନା ଯେତେକ
ମରେ ମନ-ଅନ୍ଧାରେ ।

ଗୃର

Digitized by srujanika@gmail.com

ଅକୁହା

ହଜିଯାଏ ଯାହା ମିଳିଥାଏ ପୁଣି
ଦୁନିଆ ଗନ୍ତାଘରେ
ଥରେ ମଲାପରେ ସମାଧି ଲଭେ ସେ
ମନର ଗମ୍ଭୀରରେ ।

ଯାଏ ଭାସି ଭାସି ଶିଞ୍ଜିନୀ ସ୍ୱର
କି ମଧୁ ଆବେଗ ଭରେ
ଅକୁହା ବେଦନା ମଥା ପିଟି ମରେ
ମନର ରୁଦ୍ଧ ଦ୍ୱାରେ ।

Digitized by srujanika@gmail.com

—ଝାଙ୍କି—

ତନ୍ୱୀ, ରୂପସୀ କାଠଯୋଡ଼ି ! ମତେ କହ ସତେ
ସନ୍ଧାମି ମନ ଖୋଜବୁଲେ ଚୋର କାରେ ଏତେ ?

ସୁନାର ସପନ ଛପିଯାଏ ଦୂରେ କେଉଁ ବନେ
ମନର ହରଣୀ ବୁଲେ ଝୁରି ଝୁରି ଆନମନେ ।

Digitized by srujanika@gmail.com

ଝାଞ୍ଜି

ମନ-ବନେ ତୁ ଯେ ରଚିବୁ କୁଞ୍ଜ, କରୁ ଆଶା,
ହେବୁ ସିନା ଶେଷେ ଧାଇଁ ଧାଇଁ ଖାଲି ଲୋକହସା ।

* * * * *

ବୁକୁ-ଭରା ଶତ ଆଶା କଳପନା ଜୀବନରେ
କୁଞ୍ଜ ନ ରଚି ରୁଦ୍ଧ ହେବ ଲୋ ପଥପରେ ।

ଭାବନା ଜୁଆରେ ଫେରିବାକୁ ଗୃହୁଁ ତଟେ ଯାର
ବାସ୍ତବ ଭଟ୍ଟା ପେଲି ନେଇଯିବ ଦୂରେ ତାର ।

ତେବେ କିଆଁ ତୁହି ଜୀବନ ଲକ୍ଷ୍ୟ ମରୁ ଝୁରି ?
ହେବୁ କ୍ଷୀଣତର ଶୋଚନାରେ ବୃଥା ଜଳି ଜଳି ।

Digitized by srujanika@gmail.com

ଝାଞ୍ଜି

ନିଦାଘ ଝାଞ୍ଜି ତପତ ବାଲୁକା ବୁକୁ ଭେଦ
ଅଜ୍ଞାତେ ତୋର ପବନ ଗରଭେ ଯିବ ଖେଦ ।

କମ୍ପିତ କରେ ଚନ୍ଦ୍ର ଗରଳ କର ପାନ
ହୋଇଯିବ କି ତୋ ଉତ୍କଣ୍ଠ ଆଶାର ଅବସାନ ?

Digitized by srujanika@gmail.com

—ଅତୀତ—

ଅଷ୍ଟତରେ ଦିନେ ଲାଗୁଥିଲା ଯାହା ଫୁଲ ସର
ଫାକଲ ବସ୍ତୁସେ ସେଇ ଲାଗେ ପୁଣି ଏତେ ଖସା !!

ନଅ

Digitized by srujanika@gmail.com

ଅତୀତ

ନିଶ୍ୱାସ ସମ ଉଡ଼ ବୁଲୁଥିଲ ଫୁତ୍କାରେ
ରୁଷ ହାତରେ ଆଜ କିଏ ଗଲା ଚପିଧରେ ?

*   *   *

ଆସିଲ୍ ଝଡ଼ ଲେ ଆସିଲ୍ ଝନ୍‌ଜା ବଇଶାଖୀ
ଚମକାଇ ମନ ବଜ୍ର ବିଜୁଳି ଗଲ୍ ଡାକି ।
ହଜିଲ୍ ଆଲୁଅ ଆସିଲ୍ ଛା ପଛେ ଅନ୍ଧାର
ଦୁର୍ବହ ଆଜି ଲଗେ ଜୀବନର ଯେତେ ଭାର ।

ଦଶ

Digitized by srujanika@gmail.com

ଅତୀତ

କାହିଁ ପୂର୍ଣ୍ଣତା······ନ ମିଳଇ ତାର ସନ୍ଧାନ
ଉଷର ମରୁରେ ଫଲ୍‌ଗୁ ଧାରର ଅବସାନ ।
ବ୍ୟର୍ଥ ଭାବନା ଗୁମରି ଗୁମରି ଉଠେ କନ୍ଦି
ଆଶାର ଜୀବନ ଲଭିଲା ସମାଧି ଏଥି ସନ୍ଧି !

Digitized by srujanika@gmail.com

—ଦୃଷ୍ଟିପାତ—

ସନ୍ଧ୍ୟା ସୁରଭି ରଶ୍ମି ରଶ୍ମି କାନେ ଗୋପନେ କି କଥା କହେ
ବନ୍ଧ୍ୟା ଜୀବନ ବୃଷ୍ଟି ତା ମରମ ମୁକୁଳିତ ବୃନ୍ତୁଁ ହୁଏ ।
ଅନ୍ଧ-ପୃଷ୍ଠକ ଅପସରି ଯାଏ ଗହ୍ବବହ୍ବର ସାଥେ
ଆନ୍ଦୋଳନର ଶିହରଣ ଜାଗେ ଉଜ୍ଜ୍ୱଳ ଦୃଷ୍ଟିପାତେ ।

‘ବାର

Digitized by srujanika@gmail.com

ଦୃଷ୍ଟିପାତ

ରୁଦ୍ଧ ମନର ସୁପ୍ତ ବାସନା ହସଇ ପାଖୁଡ଼ା ମେଲ
ଦୃଷ୍ଟିର ଶର ଅମା-ଅନ୍ଧାର କହ କାହିଁ ଗଲ୍ ଗୃଳ ?
କାହିଁ ଗଲ୍ ଆଜ ଜୀବନରୁ ତାର ହତାଶାର ବର୍ତ୍ତିକା ?
ଗୃହାଣିରେ ନୂଆ ରଙ୍ଗ ଫୁଟାଏ ତୃପ୍ତିର ମସ୍ତଚକା ।

ଚମକ ଗୃହେଁ ସେ ଫେର ପଡ଼ି
ଅନ୍ଧ ଯେ ଆଜ ଦୃଷ୍ଟି ମେଲଛି ସନ୍ଧ୍ୟାରେ ପଥ ହୁଡ଼ି !

Digitized by srujanika@gmail.com

—ବନ୍ଦନ—

ଛିନ୍ନ କର ଗୋ ମମତା-ରଜ୍ଜୁ,
କାର୍‌-ବନ୍ଧନ ଫେଡ଼୍‌
ମୁକ୍ତିର ଛନ୍ଦେ ବେଢ଼ାଅନ ଆଜ
ଚରଣେ ମୋ ନୂଆ ବେଢ଼ ।

Digitized by srujanika@gmail.com

ଜୀର୍ଣ୍ଣ, ବିକଳ ପକ୍ଷପୁଟେ ମୋ
ଭରିଦିଅ ନବ ବଳ
ପଙ୍ଗୁ ପ୍ରାଣେ ମୋ ଶୁଣାଅ ଗୋ ବାରେ
ଜାଗରଣ ଗୀତ ରୋଳ ।

ନୂତନ ପୁଲକେ ବିକଶି ଉଠିବ
ଧ୍ୱସ୍ତ ଏ ମୋର ମନ
ଧ୍ୱଂସ ସ୍ତୂପର ତଳୁ ମିଳେ ପରା
ପ୍ରାଚୀନର ସନ୍ଧାନ ?

* * * * *

Digitized by srujanika@gmail.com

ବନ୍ଧନ

ଲକ୍ଷ୍ୟହରା ମୁଁ ଏକଇ ପଥିକ
ଦୂର ଦିଗନ୍ତ ପାରେ
ଆକାଶ ପୃଥିବୀ ମିଶିଯାଇ ଯହିଁ
ଅହରହ ଆଖିଠାରେ ।

ଭାସିଯିବ ମୁହିଁ ଦୂରେ—ବହୁଦୂରେ
ମୁକ୍ତ ଆକାଶେ ଉଡ଼ି
ଚକ୍ଷ ମେଲାଇ ଲକ୍ଷ୍ୟେ ଅନାଇ,
ବନ୍ଧନ ଦିଅ ଫେଡ଼ି ।

ଷୋହଲ

Digitized by srujanika@gmail.com

—ଅଭିମାନିନୀ—

ଶିଳ୍ପୀ ମନର କଳା କଳପନା-କାରାଗାରେ ଆଗୋ ବନ୍ଦିନୀ ।
ତା ନିହାଣ ମୁନେ ରୂପପାଇ ଆଜ ପାଲଟିଛ ଶତ ବରବର୍ଣ୍ଣିନୀ ।

ସତର

Digitized by srujanika@gmail.com

ଅଭିମାନିନୀ

ଶିଳ୍ପୀ ମରିଲ ଅରପି ତୁମରେ ଅମର ସିଂହାସନ
ସେଥିଲାଗି ପରା ତୁମ ପ୍ରାଣେ ଆଜି ବାଜେ ବ୍ୟଥା ଘନ ଘନ ।
ଚାହିଁ ନ ଥିଲ କି ଶିଳ୍ପୀରେ ତୁମେ ଅମର ହେବାକୁ ସଖି ?
ବିରହ ଏ ଦାନ ଦେଲ ଯେ ତୁମରେ ହୃଦୟ ବେଦନା ଶୋକ ।

ଲବଣୀ-କୋମଳ ପ୍ରେୟସୀକୁ ଗୁଣ୍ଡ଼ି ପଥରରେ ଦେଲ ଥାନ
ତାହାରି ଉପରେ ଏତେ ଦିନ ପରେ କର ତୁମେ ଅଭିମାନ !!
ମନର ଯେତେକ କାଳିମାରେ ପୋଛି ନିଜେ କହ ତୁମେ ବାରେ
ତାହାଠାରୁ ବଡ଼ ପ୍ରେମିକ କେ ଅଛି ବିଶାଳ ଏ ଦୁନିଆରେ ?

*　　*　　*　　*　　*

Digitized by srujanika@gmail.com

ଅଭିମାନିନୀ

ସାଗର ବେଳାରେ ଅନାଇ ଅନାଇ ସାତଶ' ବର୍ଷ ଧରି
ପଥର ହେଲଣି କଳାର କୁମାରୀ ସେହି ଶିଳ୍ପୀରେ ଝୁରି ।
ଆସିବନି ସତେ ମନର ମଣିଷ ତାର ?
ପ୍ରତି ନିମେଷରେ ଜୀବନକୁ ଛୁଇଁ ମୃତ୍ୟୁ-ଶୀତଳ କରି ।

ପାଦ ନୂପୁରର ପ୍ରାଣ ଉଚ୍ଛଳ ଧ୍ୱନି
ହଜିଗଲା କାହିଁ···ସମାଧି ଲଭିଲା ସେ ଦିନର ସେହି ମନ ?

ସମୀରଣ ସାଥେ କମ୍ପି ଉଠେନି ହିଆ
କିଏ ନିଭେଇଲା ତରୁଣୀ ଆଖିର ତାର ଅଲିଭା ଏ ନିଆଁ ?

* * *

ଜଟେଶଇଣି

Digitized by srujanika@gmail.com

ଅଭିମାନିନୀ

କେତେ ବିରହିଣୀ କ୍ରନ୍ଦନରୋଳ ଶୁଭେ ଅଭିମାନ ଲାଜେ
କୋଣାର୍କ ବୁକେ ପ୍ରତି ପଥରରେ ପ୍ରତିବାଣୀ ତାର ବାଜେ ।
ଜୀବନର ଯେତେ ତପତ ଦୀର୍ଘ ଶ୍ୱାସ
ଚନ୍ଦ୍ରଭାଗାର ସିକତଳ ବୁକେ ଜଳାଏ ହା—ହୁତାଶ ।

ଜ୍ୟୋତ୍ସ୍ନା ରାତିର ମାୟାଜାଲ ଦେଇ ଚିରି
ଗୋପନ କଥାର ଉଚ୍ଛ୍ୱାସ ଉଠେ କ୍ଳାନ୍ତ ପବନେ ଥରି ।
ନବ ଯୌବନ ଆଣିଥିଲା ସାଥେ ଯେତେକ ଚଞ୍ଚଳତା
ପରଶ ତାହାର ପଥର ପରାଣୁ ଫୁଟାଏ ମନ୍ଥରତା ।

କୋଡ଼ିଏ

Digitized by srujanika@gmail.com

—ଜୁହେଲି—

ତୁମେ ବନ୍ଧୁ ଠିଆହୁଅ ଏ' ପଟ୍ଟର ଶ୍ୟାମଳମା ତଳେ
ମମତାର ବନ୍ଧୁ ବନ୍ଧୁ ଶୁଭାଶିଷ ଝରବ ଉପରେ ।
ବାଧିବନ ଖରତାତି, ଲଗିବନ ବରଷା ଚମକ,
କଳ୍ପନାର ଜାଲ୍ ରଚି ଦେଖୁଥିବ ସପନ ଝଲକ ।

*   *   *   *   *

Digitized by srujanika@gmail.com

କୁହେଳି

ସେ ପଟ ମନ୍ତ୍ରର କୋଳେ କଳଘର ଚମିନର ଭଳି
ତୁମକୁ ମୁଁ ଗୁହିଁଥିବ ଅସରନ୍ତ ଆଶା ମନେ ଭରି ।

ବ୍ୟର୍ଥତାରେ ଉଠୁଥିବ ବଷ୍ଟୁଁ ମୋର ଯେତେ ଦୀର୍ଘଶ୍ୱାସ
ଚମିନର ଧୂଆଁ ଭଳି, ଆଣିବନି ମନେ କା'ପରଶ ।
ଅସୁମାରି ଆଶା ଯେତେ ପାଇଲାନି ରୂପ ଦେଇ ତାରେ ।
ନିରାଶାର କଳା ଧୂଆଁ ମଥା ଟେକେ ତାହାରି ଭିତରେ ।

ସେଇ ପୁଣି ଭରିଦେବ ଆକାଶରେ କଳା ନବଘନ ।
ତା ସାଥେ ଆଣିବ ବାନ୍ଧି ନୂଆ ନୂଆ ରଙ୍ଗର ସନ୍ଧାନ ।
ଏ ପଟରେ ଆସି ପୁଣି ଫୁଟାଇବ ନୂଆ ନୂଆ ଫୁଲ,
ବଢ଼ି ବଢ଼ି ଯିବ ତୁମେ, କମି କମି ଯିବ ମୋର ମୂଲ ।

ବାଇଣି

Digitized by srujanika@gmail.com

କୁହେଳି

ଏ ନୁହେଁ ଊଷର ମରୁ, ସବୁଜିମା କୋଳେ ହୋଇ ଠିଆ
ତୁମେ ବି ଦେଖିବ ସ୍ୱପ୍ନ ଆଗେଇଚ କପଟ ଦୁନିଆ ।

ସପନରେ ଆସେ ଯିଏ ବାସ୍ତବରେ ଯାଏ ସେ ତ ପୋଣ୍ଡ
ବାସ୍ତବର ପାଉଁଶରୁ କଳପନା 'ନୂଆ ଉଠେ ଗଢ଼ି ।

ତେଇଶି

Digitized by srujanika@gmail.com

—ବ୍ୟର୍ଥତା—

ଶତ ବେଦନାର ଝଞ୍ଜା ଆଘାତେ ଦେହ ମରେ ଯିନା ଥରେ
ଅନ୍ତର ମୋର ପ୍ରତିଦିନ ସଖି ! ମରିଯାଏ ବାରେ ବାରେ !
ରାଶି ରାଶି ଯେତେ ବ୍ୟର୍ଥ କାମନା ଗୁମରି ଉଠେ ମୋ ପ୍ରାଣେ
ତିଳ ତିଳ କରି ମରିଯାଏ ସବୁ ମନର ଗହନ ବନେଁ ।

ଚବଶି

Digitized by srujanika@gmail.com

ବ୍ୟର୍ଥତା

ଜୀବନର ଶତ ବ୍ୟର୍ଥ ଶୁଆସ ସ୍ୱପ୍ନମାଳସ୍ତୂ ବାଧା ଟପି
ହୃଦୟକୁ ମୋର ପଙ୍ଗୁ କରଇ ହାଡ଼ ପିଞ୍ଜର ରୂପି
ଅତୀତର ଯେତେ ମଧୁ ମାଦକତା ସବୁ ଦେଇ ଚୋଡ଼ି ଜାଳି
ବିଫଳତା ରୂପ ପାଉଁଶକୁ ଦେହେ ହୋଇଛି ମୁଁ ଆଜି ବୋଳି ।

* * *

ବିପ୍ଳବ ଜାଗେ ମନ-ମନ୍ଦିରେ ଦ୍ୱନ୍ଦ ଜାଗଇ ପ୍ରାଣେ
ମୂର୍ଖ ହେବାଠୁଁ ଜ୍ଞାନୀ ହେବା ଭଲ କହ ଆଜ କେଉଁ ଗୁଣେ ?
ରୁହେ ନାଁ ଶିକ୍ଷା, ଏଇ ସଭ୍ୟତା—ଅଲକ୍ଷ୍ୟେ ଯାହା ବସି
ମହାମାରୀ ପରି ଜୀବନର ରସ ସବୁ ନେଇଯାଏ ଶୋଷି ।

Digitized by srujanika@gmail.com

ବ୍ୟର୍ଥତା

ସ୍ୱଆଡ଼େ ଚାହିଁଲେ ଆଖି ମୋର ଦେଖେ, ହସର ଝରଣା ଛୁଟେ
ଝର ଝର ପଡ଼ି କହେ ସେ ଯେପରି ବୃଥା ଫୁଲ ତୁମେ ବାଟେ ।
ଅବାଟରେ ଫୁଲ କଣ୍ଟକ ମାଡ଼ି ଯେ ହସ ଯା'ଚିନ ଦେବ
ସବୁଜ ଘାସର କୋମଳ ପରଶେ କେସନେ ସେ ଗଲ୍ ଲଭି ?

ଲୋଡ଼ା ନାହିଁ ମୋର ଭାବ କଳ୍ପନା ବିଶ୍ଳେଷଣର ଶକ୍ତି
ଯାରେ ଚକ୍ଷୁ ଚକ୍ଷୁ ହଜିଯାଏ କାହିଁ ମନର ଟିକକ ଶାନ୍ତି ।
କି ହେବ ମୋର ସେ ଜ୍ଞାନ ମନ୍ଦରେ ନିତି ନିତି ଧୂପ ତେଜ
ଜୀବନ-ସଳିତା ତେଲ ବିନା ଯଦି ଅନ୍ଧାରେ ଯାଏ ହଜି ?

* * * *

ଛବିଣି

Digitized by srujanika@gmail.com

ବ୍ୟର୍ଥତା

ସାଉଁଟିଛୁ ଯାହା ନମେଷକ ପାଇଁ ଭୁଲିଇ ଦିଅ ହେ ମୋତେ
ପଥର ନ ଲଦ ସ୍ମୃତିଟାକୁ ମୋର ପଥରେ ବନାଅ ସତେ !
ପଙ୍କୁ ପରଶେ ମୁକ୍ତ ସ୍ୱପ୍ନାଶିରେ ଆକାଶକୁ ଥିବ ଚୁମ୍ବି
ସେଉଁଠାରେ ଛୁଏଁ ସୁପ୍ତ ମାଳମା ପୃଥିବୀର ମଥା ଯାଇଁ ।

ଝରି ପଡ଼ୁଥିବ ଶିଶିର କଣିକା ନ ଢାଳିଇ ମନ ତଳେ
ଇନ୍ଦ୍ରଧନୁ ବି ପରାଭବ ନେବ ପଥର ଏ ସ୍ମୃତି ତଳେ ।
ଗୋଧୂଳି ବେଳର ବିହଗ କାକଳି ଜଣାଏ ଯେବେ ତା ଅଳି
ପଥର ପରି ମୁଁ ପଥରେ ଚୁମ୍ବିବ ନଥର ଦୃଷ୍ଟି ମେଲି ।

Digitized by srujanika@gmail.com

—ପ୍ରତୀକ୍ଷା—

ମରଣ ମୁରଲୀ ବାଇ
ଡାକେ ଶମଶାନ, ଆସ କୁଳବଧୂ, ବେଳ ଯେ ଗଲାଣି ହୋଇ !

ଅଠେଇଶି

Digitized by srujanika@gmail.com

ପ୍ରତୀକ୍ଷା

ଅନାଦି ଯୁଗରୁ ରହିଁ ବସିଛି ମୁଁ ତୁମର ଆସିବା ଆଶେ
ଏଇ ଦେଖ ଦୂରେ ଜୀବନ ସେ ପଟେ ଚିତାଠର ମଥା ଢଶେ
ନାହିଁ ଗୋ ଭୟର କଛୁ
ସାରା ଜୀବନର ଯେତେ ଦୁଃଖଶୋକ ସବୁ ଧୋଇଯିବ ପୋଛି ।

ରୋଗ-ଶଯ୍ୟାର ଶେଷଦିନେ ତୁମେ ପ୍ରାଣେ ଭରି ନୂଆ ଖ୍ରାନ୍ତି
ଢାଳି ଦେଇଗଲ ଅସରା ସେ ଲୁବ୍ଧ ବିକ୍ଷତ ମନ ପାନ୍ଥି
ପ୍ରାଣେ ଲଗିଥିଲା ଛାନ୍ତି,
ଭୁଲିଗଲ ତୁମେ ସେଇ ପରା ଆମ ଜୀବନର ମଧୁରାତି !

ଅଣତରଣି

Digitized by srujanika@gmail.com

ପ୍ରତୀକ୍ଷା

ମାଟିର ଏ ଧରା, 'ମାଟିର ଦୁନିଆ, ମାଟିର ମଣିଷ ମୋହ
ଭରିଥିଲା ତବ ପୀଡ଼ିତ ମନରେ ପିପାସା ଦୁର୍ବିସହ
ବଞ୍ଚିବାର ସେ ମୋହ
ପୁଞ୍ଜିତ ଯେତେ ବାସନାର ବାସ, ସବୁ ସଖି ! ଭୁଲିଯାଅ ।

ଦେଖିଛ କି କେବେ ମୋହଠୁ ଉଦାର, ମୋ ତହୁଁ ମହତ କାରେ,
ଅବହେଳତାରେ ତୋଳିନଏ କେତେ ସେନେହ ସୋହାଗଭରେ ?
ସଭିଏଁ ସୁଖର ସାଥୀ—
ପୁହାଇ ପାରେ ନ ମୋହପର କେହି ଜୀବନର ଅମାରାତି ।

ତରଣି

Digitized by srujanika@gmail.com

ପ୍ରତୀକ୍ଷା

ଚପଳ ମନର କ୍ଷଣିକ ବିକାଶ ମଣିଷର ଦୃଢ଼ଧାରଣା
ଝରା ଫୁଲ ପରି ଝରି ପଡ଼ିଥାଏ କ୍ଷଣିକ ଉତ୍ତେଜନା
ଶୋଚନା ତା ପାଇଁ କିଆଁ ?
ଅନ୍ତରେ ମୋର ଜଳେ ଅହରହ ଚିର ବୁଭୁକ୍ଷୁ ନିଆଁ ।

ନାହିଁ ମୋର ଜରା, ନାହିଁ ମୋ ମରଣ, ମୁଁ ଯେ ଚିର ସନାତନ
ତୁମର ଦଳିତ ମନେ ଆଣିଦେବି ମୁଁ ଗୋ ଚିର ଯଉବନ
ଭୁଲି ପଛ ପରାଜୟ
ଅପୂମାରମ୍ଭ କର ଜୀବନର ଅଭିନବ ଅଧ୍ୟାୟ ।

Digitized by srujanika@gmail.com

—ପରଜନ୍ମ—

ଫୁଲ ଫୁଟେ ଫୁଲ ଝଡ଼େ ଫଗୁଣର ରକ୍ତ-ସଞ୍ଜ ଛଳେ
ତୁମେ ବନ୍ଧୁ, ବସିରହ ସ୍ଥାଣୁ ପର ଛମ ଭଙ୍ଗା ଘରେ ।

ବଢଶି

Digitized by srujanika@gmail.com

ପର୍ଜନ୍ୟ

ଅଳସ ପବନ ଆସେ ବୁକେ ଘେନ—ଅସରନ୍ତ ଆଶା
କାନେ କାନେ କହିଯାଏ କି ବାର୍ତ୍ତା, ଗୋପନ ସେ ଭାଷା !

ଗଳିଯାଏ ଛୁଇଁ ଛୁଇଁ ମୋ ମନର କୋଣେ କୋଣେ ପଶି
ଝାଡ଼ ଫୁଙ୍କି ଠେଲଦିଏ ଭିତରର ଯେତେ ମଳ ମସୀ ।

ଆଖି ମଳ ମଳ ଦେଖେଁ···ଓଜନିଆ ମନଟା ଯେପରି
ଫଗୁଣର ସଞ୍ଜ ତଳେ ସୋଲ ସଙ୍ଗେ ହୁଏ ସମ ସରି ।

*　　*　　*　　*

ଚଉପାଶେ ଶୁଭ ଶଙ୍ଖ···ବିଜୟର ଗଉରବ ଝରେ
ସ୍ପୃହେଁନା ସେ ସ୍ୱାଗତିକା—ଆସିଥିଲି ତୁମରି ଦୁଆରେ ।

ତେଭଣି

Digitized by srujanika@gmail.com

ପରାଜୟ

ଚମକ ସେ ଠିଆହୋଇ ଦରବୁଜା କବାଟ ଉହାଡ଼େ
'ଫଗୁଣ ଆସିଛୁ ଫେର' କହିଲ ଗୋ କେତେ ଯେ ନବଢ଼େ ।

ତୁମେ ବୋଧେ' ପାଇନାହଁ ଏ ସବୁର କୌଣସି ସନ୍ଧାନ
ବେଳ ତୁମ ବଢ଼ିଯାଏ ଗଣୁ ଗଣୁ ମରଣ ସୋପାନ ।

ରହି ରହି କାଶୁଥିଲ···ଖଣ୍ଡ ଖଣ୍ଡ ନାଲ ରକ୍ତ ଝରେ
ଦେଖିଲନି ଆଖି ମେଲି, ଛୁଇଁଲନି ବୁଝିବାକୁ ତାରେ ।

*　　*　　*　　*

ଚଉତରଣି

Digitized by srujanika@gmail.com

ପରାଜୟ

ଥରଲ ପ୍ରଦୀପ-ଶିଖା ହାତଠାର କହେ ଗୁପତରେ
ଆସିଛ ଯଦ ଗୋ ବନ୍ଧୁ ! ସ୍ୱାଗତ ମୁଁ ଜଣାଏ ତୁମରେ ।

ଫୁଲେ ଫୁଲେ ହସାଉଚ, ମନେ ମନେ ରସାଉଛ କେତେ ?
ହସିଲ ମୁହଁରେ ପୁଣି ତୁମ ହସ କବା ଲୋଡ଼ା ଏତେ ?

ନଭଲ ମୁହଁରେ ଯଦ ନ ଦଶିଲ ଏତେ ଟିକେ ଝଳ
କବା ଲଭ, ବନ୍ଧୁ, ତୁମ, ବାର ବାର ଆସିବାରେ ଫେର ?

ପଇଁତରଣି

Digitized by srujanika@gmail.com

ପରାଜୟ

ଦଶ ବାରେ ଉକୁଟାଇ ଏଇ ମୂହେଁ ତୁମ ନୂଆ ହସ
ନନ୍ଦପାଉ ମନୁ ତାର ଅଣ୍ଟଚର ଯେତେ ଦୁଃଖ କ୍ଳେଶ !

*   *   *   *   *

ଯାଏ ନାହିଁ ପାଶେ ଭେସୁ ଫଗୁଣର ହାଲୁକା ପବନ
ତୁମ ତପ୍ତ ଶ୍ୱାସେ ପରା ଜଳଯିବ ତା କ୍ଷୁଦ୍ର ଜୀବନ !

ତୁମ ଦେହ ରକ୍ତ ତଳେ ଫଗୁଣର ରକ୍ତିମା ଯେ ହାରେ
ଗଉରବ ଟୀକା ତାର ନଭପାଏ ତୁମର ପାଖରେ ।

ଛଡଶି

Digitized by srujanika@gmail.com

—ଅନ୍ୱେଷଣ—

ଫଲ୍ଗୁଣର ଆକାଶ ତର
ବଇଁଶିଆ ଡାକେ ପାଟଣାର ପ୍ରିୟାରେ ଯାଇଛ ସେ ଆରପାର ।

ସଇଁତରଣି

Digitized by srujanika@gmail.com

ଅନ୍ୱେଷଣ

ବଇଁଶୀର ସ୍ୱନ ଛୁଇଁ ଛୁଇଁ ଯାଏ ପଥେ ପାଏ ଯାର ଦେଖା
ଏ ପଟ ସେ ପଟ ଘୂରିବୁଲି କହେ 'ଆସ, ଡାକେ ତୁମ ସଖା'
ଚକିତେ ଡେରିଲେ କାନ
ଭ୍ରମ ତୁଟିଯାଏ—ନୁହେଁ ବଇଁଶିଆ, ଏ ଯେ ବଇଁଶୀର ତାନ ।

ଅବଜ୍ଞାର ହସ ଓଠରେ ଖେଳାଇ ଯେଝା ବାଟେ ସିଏ ଯାଏ
ବଇଁଶୀ ଶୁଟଣନା ପଛରେ ଗୋଡ଼ାଇ କେତେ ଅନୁନୟ ହୁଏ
'ଖୋଜେଁ ପ୍ରିୟା ପରବାସୀ—
ପାରନି କି ଦେଖି ଦୂରେ ବଇଁଶିଆ ଜାଗର ଜାଳଇ ବସି ?'

ଅଠଡଉଣି

Digitized by srujanika@gmail.com

ଅନ୍ୱେଷଣ

ଆକୁଳ ପ୍ରାର୍ଥନା ଜଣାଏ ବଇଁଶୀ ରୂପସୀର ପାଦେ ଲେଟି
ବିଫଳ ସାଧନା ! କାହିଁ ଚେତେବେ ପ୍ରିୟା ? ନିତ୍ୟ ଫେରେ ମୁଁ ଯେ ଖଟି-
ପଥଶ୍ରମ ହୁଏ ସାର
ନିଜେ ବଇଁଶିଆ ଜାଣେନା ଯେ କାହିଁ ପରବାସୀ ପ୍ରିୟା ତାର ।

ହସନ୍ତି ରୂପସୀ, ଜ୍ୟୋତ୍ସ୍ନା ଉଠେ ହସି ଷୋଡ଼ଶୀର ସଙ୍ଗ ପାଇ
ବଇଁଶୀର ସୁରେ ଲକ୍ଷ କଳପନା ଗଢ଼ି ବସେ କାହା ପାଇଁ ?
ଅଶ୍ରୁତେ ଯାଏ ଯେ ହଜି,
ଫେରିବନି ଆଉ ନ ଜାଣି ଗୋ ଲୁବ୍ଧ ପାସୋରି ତା କଥା ହେଜି ।

* * * * *

ଅଣଚ୍ଛଳଣି

Digitized by srujanika@gmail.com

ଅନ୍ୱେଷଣ

ବଢ଼ିଗଲେ ରାତି ବଇଁଶିଆ ଗୀତି ଭାଙ୍ଗିପଡ଼େ ତା'ର ସ୍ୱରେ
ସଞ୍ଜର ବଇଁଶୀ ଛନ୍ଦ ନ ସରଜ ଲେଉଟି ଆସିବ ଘରେ
ଏଇମିତି କେତେ ରାତି
ଉଆଁସ ପକ୍ଷର ସ୍ୱପ୍ନବୃନ୍ଦ ପରି ବୁକୁରେ ଆଣିଛି କ୍ଳାନ୍ତି ।

ନିଶୀଥ ରାତିର ନୀରବତା ଭାଙ୍ଗି ଯାଏ ଫେର ସେହି ଘରେ
ଶୂନ୍ୟ ମନପ୍ରାଣ ଅବଶ ଚରଣ ମଜନ ବଇଁଶୀ କରେ
ନୀରବ ଆଖିରେ ଆହା !
କେତେ ଯେ ଅକୁହା ଭାଷା ଛପିଯାଏ କହି କେ ପାରିବ ତାହା ?

ଗୃଳଣ

Digitized by srujanika@gmail.com

—ପ୍ରଶ୍ନ—

ବାରଟି ବରଷ ଘର ସଂସାର ସବୁ ରଖି ବହୁ ଦୂରେ
ବାରଶ' ବଢ଼େଇ ବୁଡ଼୍ ରହିଛନ୍ତି ଦେଉଳ ଅନ୍ତଃପୁରେ ।

ସବୁ ସରିଲଣି, ମୁଣ୍ଡି ନ ମରେ—ସେଇ ଗୋଟା ଅଛି ବାକି
ସକାଳେ ସଞ୍ଜେ ଡାକେ ପ୍ରଣୟିନୀ ଲୁହଭରା ଦୁଇ ଆଖି ।

ଏକଗୁଳଣି

Digitized by srujanika@gmail.com

ପ୍ରଶ୍ନ

ରାଜା ପର ଥିଲ, ବୁଝିବାକୁ ଆହା ନ ଥିଲୁ କି ତୁମ ସ୍ଥିତି
ଯେଉଁ କାମ ପାଇଁ ଏତେ ଦିନ ଧରି ଘାରିହୁଏ ଏଇ ଜାତି ।

ବାରଟି ବରଷ ରକତ ଢାଳିଲେ ଆହାର ନିଦ୍ରା ଭୁଲି
ଅକ୍ଷମତାକୁ ଠକପଣ ବୋଲି କେମିତି କହିଲ ଖୋଲି ?

ଧରମା ନ ଥିଲେ ବାରଣ’ ମଣିଷ ନିଜ ଭବିଷ୍ୟ ଗ୍ଲାନି
ବାରଟି ବରଷ ବେଠି ଖଟି ଖଟି ଶେଷେ ଯାଇଥାନ୍ତେ ଶୂଳୀ !

ତୁମର କଠୋର ନିର୍ଦ୍ଦେଶେ ଦେଲୁ ବାରଣ’ ବଢ଼େଇ ଜାତି
ପୂଜା ଫୁଲ ରୂପେ ଶୁଭ୍ର କୋମଳ ଶିଶୁଟିର ମଥା ପାତି ।

କସ୍ତାଳଣି

Digitized by srujanika@gmail.com

ପ୍ରଶ୍ନ

ଫୁଟି ପାରିଥିଲେ ସେ ଶିଶୁ-କଳକା କେତେ କୋଣାରକ ସତେ,
ଗଢ଼ି ଉଠିଥାନ୍ତା ଏଇ ଧରାପରେ ନଇଁଥାନ୍ତା ମଥା କେତେ !

ସ୍ୱାତ ସାଗରର ଢେଉ ପାରି ହୋଇ ଅନାଇ ଦେଖ ହେ ଚେତଣେ
ଗୃହୁକଳାଭବ ଏହ୍ନ କୋଣାରକ ମନରେ ଚମକ ଆଣେ ।

ବୁଝିଲନ ତମେ ହେ ନରସିଂହ ! କାଏ ଭୁଲ କାଏ ଭେଳ
ବାର ବରଷର ଶିଳ୍ପୀ ଶିଶୁର ଜୀବନର କେଉଁଠ ମୂଲ ?

ସାଗର ବେଳାରେ କୋଣାରକ ଆଜ ସେନ୍ଧି ଲଜେ ମଥା ପୋନ୍ତି
ପଥର ନମୁନୁ ସ୍ଥୂଳକଳା ଛଳେ ଝରଏ ଲୋତକ ନିତି ।

ଚେତ୍ୟାଳଣି

Digitized by srujanika@gmail.com

—ବନ୍ଦିନୀ—

ଆଖି ମେଲ ଥରେ ଗୃହିଁ ଗୋ ମୋ ଆଡ଼େ କୋଣାରକ ନନ୍ଦନୀ
ଏକ ଜୀବନର ସ୍ୱାଧୀନତା ପାପେ ଯୁଗ ଯୁଗ ବନ୍ଦନୀ ।

ଚଉସ୍ୱଳ

Digitized by srujanika@gmail.com

ବନ୍ଦିନୀ

କୈଶୋର ଶେଷେ ଛୁଇଁଲା ଯେଦ୍ଦନ ଯୌବନ ଚମ୍ପୁଲତା
ମନର ଗହନ ବନେ ଗୋ ସେଦ୍ଦନ ଫୁଟିଥିଲା କେତେ କଥା ।

ଆଖି ଥିଲା ସେହି ପ୍ରଶ୍ନଟି ଆକାଶେ ଅସ୍ତ ତପନ ପାଶେ
ଦୁନିଆକୁ ଭୁଲି ନିଜରେ ଭୁଲି ଗୋ ବସିଥିଲ କିବା ଆଶେ ?

ଦୁର୍ଲ୍ଲଭ ସେଇ ଗୋଟିଏ ନିମେଷ ସୁଲଭ ସୃଷ୍ଟି କୋଣେ
ଜନମ ଶିଳ୍ପୀ ଭୁଲିଲା ନିଜରେ ତୁମକୁ ପାଇ ତା ମନେ ।

ଭ୍ରମ ତୁଟିଲାରୁ ଶିଳ୍ପୀରେ ତୁମେ ପରିହରି ଲାଜ ଭୟ
ହସିଲ ସୋହାଗେ "ମୁକ୍ତ ହେବାକୁ ବାସନା ମୋ ଜାଗେ ପ୍ରିୟ !

ପଛଁଗ୍ରକଣି

Digitized by srujanika@gmail.com

ବନ୍ଦିନୀ

ମନ ଖୋଜେ ମୋର ନିତ ଦେଖିବାକୁ ନୂଆ ରୂପ ନୂଆ ଛଟା
ଏଇ ଘର କୋଣ ଆଣେ ଅବସାଦ, ପାରୁନି ସେ ରେକ ବ୍ୟଥା ।

ସେଇ ଅବସାଦ ବୁକୁରେ ବାଜେ ଗୋ ଘର ଲାଗେ ଦୁର୍ବହ
ଛାଡ଼ିଦିଅ ମୋତେ ମୁକ୍ତ ଆକାଶେ ଉଡ଼ିବି ମୁଁ ଅହରହ ।"

କ୍ଷଣକେ ଦେଖିଲା ଶିଳ୍ପୀର ଆଖି ମଡ଼ାର ଦୃଷ୍ଟି ମେଲା
ସ୍ୱପ୍ନାବଳୀ ପରି ସବୁ ଉଡ଼ିଯାଇ କ୍ଷତ ରହିଗଲା ଖାଲି ।

ଦାଉ ଦାଉ ହୋଇ ଜଳିଲା ଶିଳ୍ପୀ ଜୀବନ-ବହ୍ନି-ଶିଖା
ଚିତାନଳ ପରି ଦେହକୁ ଦହିଲା, ବାହାରେ ସେ ହୋମ ଶିଖା ।

ସ୍ୱପ୍ନାଳିଣି

Digitized by srujanika@gmail.com

ବନ୍ଦିନୀ

ଭଣିଲ ଶିଳ୍ପୀ, "ନନ୍ଦିନୀ ମୋର, ଆଗୋ ବନ୍ଦିନୀ ପ୍ରିୟା
ନବ ଜୀବନର ସ୍ୱାଧୀନତା ପାଇଁ ଫାଟିଯାଏ ତବ ହିଆ ।

ନିଃସ୍ୱ ଯେ ମୁହିଁ ନାହିଁ ମୋର କିଛି ଦେଇ ନ ପାରଇ ତେଣୁ
ପ୍ରାଚୀ ଜୀବନରେ ଯୌବନ-ଭରା ବର୍ଣ୍ଣ-ବିଳାସ-ରେଣୁ ।

* * * *

ପ୍ରେମ ସାଧନାରେ ଭେକ ଶୋଷ ଭୁଲି ପଥରର ବୁକୁ ଚିରି
ଥାପିଲ ଶିଳ୍ପୀ ପ୍ରାଣ-ପ୍ରତିମାରେ ଯେତେ ଅନୁରାଗ ଭରି ।

ଆଖିରେ ତାହାର ଇନ୍ଦ୍ରଧନୁର ବର୍ଣ୍ଣ ବିଭବ ବୋଳି
ପ୍ରାଣ ଭରି ପୁଣି ଚାହିଁଥିଲା ତାରେ ଭାବୁକର ଆଖି ମେଲି ।

Digitized by srujanika@gmail.com

ବନ୍ଦିନୀ

ରକ୍ତ ଉଜାଗର କେତେ ଦିବା ନିଶି ଶୋଷି ଅମୃତ ପାଇଁ
ନିହାଣର ମୁନେ ଫୁଟାଇଲି ତାରେ ପ୍ରେମର ଅର୍ଘ୍ୟ ଦେଇ ।

ଦିନ ଦିନ ଧରି ଅନ୍ୱେଷି କେତେ ଶିଳ୍ପୀର ଆଖି ଲୁବ୍ଧ
ପାରିଲିନି ବୁଝି କିବା ରହିଗଲା ପ୍ରତିମାର ବୁକୁ କୋହ ।

* * * *

ଯୁଗ ଯୁଗ ଧରି ତୁମକୁ ଆବୋରି ଚନ୍ଦ୍ର ବୁଲୁଛି କକ୍ଷେ
ନିତି ନିତି ଦେଖି ଆସିଛି କ୍ଲାନ୍ତ ଶୁଭ୍ର ସରସ ବକ୍ଷେ ।

ସେଇ କଥା ଭାଳି ଦିନୁ ଦିନ ସେ ଗୋ ହୁଏ କ୍ଷୀଣୁ କ୍ଷୀଣତର
ଅନ୍ଧାରେ ହଜି ଯିବେ ତୁମେ ଅବା ଦେଖିବ ଗୋ ଆନ ଆଡ଼ ।

ଅଠଗ୍ଲକଣି

Digitized by srujanika@gmail.com

ବନ୍ଦିନୀ

ସୁନ୍ଦର ବନା ସୃଷ୍ଟିରେ କି ଗୋ ଆଉ ସତେ କହୁ ନାହିଁ ?
ନିତ ନିତ ସେହି ଏକା କଥା ଦେଖି କ୍ଲାନ୍ତ କି ଆସେ ନାହିଁ ?

* * * *

ଉଠିଛୁ ଭ୍ରାନ୍ତ ଜାଗିଛୁ କ୍ଲାନ୍ତ ମନର ମଣିଷ କାହିଁ ?
ଯୁଗ ପରେ ଯୁଗ ବିତିଯାଏ କେତେ ପଥ ତାର ଚାହିଁ ଚାହିଁ ।

ବେଳା ଗରଜନେ ମର୍ମର ତାନେ ଶୁଭେ ଝାଉଁବନ ସ୍ଵର
'ଆସିବ ନାହିଁ ଲୋ ଆସିବନି ଆଉ ମନର ମଣିଷ ତୋର' ।

ନ ମାନଇ ମନ ତଥାପି ତାହାର, ଆଶାର ନ ହୁଏ ଶେଷ
ଆଶାବଶ ହୁଏ ଭାସି ଭାସି ସେ ଯେ ଧରେ କେତେ ନୂଆ ବେଶ ।

ଅଣଗୃଣ

Digitized by srujanika@gmail.com

ବନ୍ଦିନୀ

ଆଖି ଥାପି ଦୂର ନଭ ନୀଳିମାରେ କାନ ପାତି ଝାଉଁ ବନେ
ବନ୍ଦିନୀ ସେ ଯେ ତ! ମନ ମଣିଷ କଥାକୁ ସତେ କି ଶୁଣେ ?

ପରୃଣ

Digitized by srujanika@gmail.com

—ସାଥୀ—

ବନ୍ଧୁବନ ଛଳେ ଆସିଥିଲି   କାଠଯୋଡ଼ ! ତୋର ଏଇ ଘାଟରେ
ଶମିବାକୁ ବ୍ୟଥା-ଭାର ମୋର   କଳ କଳ ତୋ ସ୍ନିଗ୍ଧ ସଲିଳେ
ଫେରିଗଲି ଅନ୍ତ ସଂଗୋପନେ
ସାହସ ମୁଁ କଲି ନାହିଁ ଯେଣୁ   ଭାଙ୍ଗିବାକୁ ତୋ ଧୂନା ସପନେ ।

Digitized by srujanika@gmail.com

ସାଥୀ

ରହସ୍ୟର ଘନ ଅନ୍ଧକାର ଘେରିଥିଲା ଆଗରେ ପଛରେ
ଖେଳୁଥିଲା ସେ ସୁନା ସପନ ଧୂପ କାଳି ତାହାରି ଭିତରେ
ନ ଥିଲେ ଗୋ ବୁଝିବାକୁ କେହି
ରୂପସୀ ଗୋ ! ଛନ୍ଦ ! କାଠଯୋଡି ! ବୁକୁ ଚୋର ଦେଉଥିଲା କହି ।

ମନରେ ମୋ ଉଠିଥିଲା ପ୍ରଶ୍ନ— ସତେ ଅବା ପଡ଼ୁଛୁ ତୁ ଶୋଇ
କାମନାର ଅସଂଖ୍ୟ ପ୍ରଦୀପ ବୁକୁ ତଳେ ଜଳେ ରହି ରହି
ଜୀବନର ସାହାରା ବାଲିରେ
କାହିଁ ଆସେ, କେ ଯୋଗାଏ ତେଲ ? ବୁଝିବ ବା ପଣ୍ଡିତ କାହାରେ ?

ବାଉନ

Digitized by srujanika@gmail.com

ସାଥୀ

ନିମେଷକେ ମନର ମୋ ଭ୍ରାନ୍ତି   ତୁଟିଲ୍ ଗୋ ତୋ ଗୌରବ ହସେ
ଖୋଲିଗଲା ଫୁଲ ଦଳ ପରି   ଜୀବନର ରୁଦ୍ଧ ଦ୍ୱାର ଶେଷେ
ଆଖି ମେଲି ଗୃହିଁଲି ଚମକି
ଦେଖୁଥିଲି ଏତେଦିନ ଯାହା   ଛପିଗଲା ସବୁ ସେ ଥମକି ।

ଅନ୍ଧକାର ଯବନିକା କିଏ   ନିମେଷକେ ନେଲା ଗୃହୁଁ କାଢ଼ି
ଆଖି ଆଗେ ଠିଆହେଲୁ ମୋର   ସାଥିହୀନା ରିକ୍ତା କାଠଯୋଡ଼ି
ତୋ ଜୀବନ ମୋ ମନ-ଦିଗନ୍ତେ
ଭରିଦେଲା ଘନ ଅନ୍ଧକାର   କି ବିରାଟ ନିଃସଙ୍ଗତା ସତେ !

ବିଢପନ

Digitized by srujanika@gmail.com

ସାଥୀ

ବିରାଟ ଏ ନିଃସଙ୍ଗତା ସାଥେ   ଯୁଝିବାକୁ ତୋ ଶକତ କାହିଁ
ଅନ୍ତରର ଅନ୍ତଃପୁରୁ ଉଠେ   ଏକାକୀ ତୁ ଆଗେ ବଢ଼ନାହିଁ
ଜୀବନର ଯେତେ କୋଳାହଳ
ସବୁ ଲଘି ମଥା ଟେକେ ନିତ   ଅଲଙ୍ଘିତ ସେହି ଏକ ରୋଳ ।

କେହି ତୋତେ ପାରେନି ଗୋ କହି   ଏ ପ୍ରଶ୍ନର କିବା ସମାଧାନ
ଲୁଚିଥାଏ ଦୁଇ ମନ ମଧ୍ୟେ   ବ୍ୟବଧାନ ସାଗର ସମାନ
ତଥାପି ତୁ ବସିଛୁ ଅନାଇଁ
ଅନନ୍ତ ଏ ତିମିର ସେ ପଟେ   ସେହି ପ୍ରଶ୍ନ ଝୁରି ମରେ ସହି !

*   *   *   *

ଚଉବନ

Digitized by srujanika@gmail.com

ସାଥୀ

ପ୍ରଭାତର ହିମ ବିନ୍ଦୁ ସମ ଉଠିଲା ସେ ପୁଲକେ ଝଲସି
ବହୁ ଯୁଗ ପରେ ଆଜି ତାର ଛୁଟିଲା କି ମନ ତନ୍ତୁ ମସୀ ?
କହିଲା ଯା ବୁଝିଲି ମୁଁ ତାହା
ଅକୁହା ସେ ଏ ନବ ଭାଷାରେ ରହିଗଲା ମରମରେ ଆହା !

କ୍ଷଣିକା ଗୋ ! ଦେଲ ଆଜି ମୋତେ ମୋ ମନର ସେଉଁ ପରିଚୟ
ନ ବୁଝିଲେ ବାହାରେ ତା କେହି — 'ଅନ୍ତରର ଆଶା ଅଭିନୟ'
ବାହାର କି ଶୁଣିପାରେ କେବେ ?
ଭିତରର ସେତେ ଯାହା ବାଣୀ ବୁକୁ ଭେଦି ଉଠଇ ଗୋ ସେବେ ।

Digitized by srujanika@gmail.com

—ଲାଂଛୁତା—

କାମନା-ପାଖୁଡ଼ା ପଡ଼ଇ ଝର
ଦୀର୍ଘ ଶ୍ୱାସେ ଥର ଥର
ଲାଂଛନା-ଭରା ଝାଣୁଆ ଖରା
ଶୋଷି ନେଇପିବ ଯେବେ ଶିଶ୍ର ।

ଛପନ

Digitized by srujanika@gmail.com

ଲାଂଛତା

ମଉଳା ବନର ସୋହାଗ ଶିଶୁ
ନ ଆସିବ ସତେ ଆଉ ଫେର ?
ଯାଇଛୁ ଯାହା ଗୋ ଆସିବ ନାହିଁ
ଯେତେ ତାହା ପାଇଁ ହେଲେ ଝୁରି ।

ଘାଟରେ ହଜାଇ ଖୋଜଲେ ବାଟେ
ହଜିଲା ଧନ କି ମିଳେ କାହିଁ ?
ସାର ହୁଏ ଖାଲି ଆଖିର ପାଣି
ଏ କଥା ବୁଝି କି ବୁଝ ନାହିଁ ?

ସତ୍ଭାବନ

Digitized by srujanika@gmail.com

ଲାଂଛିତା

ଜୀବନ ଯାତ୍ରାର ସାହାରା ମରୁ
ଫୁଟେ ନା ତହିଁ ଗୋ ଘାସ ଫୁଲ
ମହକ ଯେ ଦେଖେ ସାତ ସପନ
ଗୁଞ୍ଜନର ଗୋ କାହିଁ ମୂଲ ?

ମନର ମଉଳା କୁସୁମ-ଶେଯେ
ତଥାପି ତା ପାଇଁ କିଏ ଗୋ ଡାକେ
କାନେ କାନେ ପଶି ମରମେ ବାଜେ
କବି କଳପନା ଦ୍ୱାରେ ତା ପାଖେ ।

Digitized by srujanika@gmail.com

—ଆଶା—

ଜୀବନର ପୁଞ୍ଜୀଭୂତ ତମସା ଭିତରେ
ଡାହାଣୀ ଆଲୁଅ ସମ ଆଶା ବାରେ ବାରେ
ଆଖି ଠାରେ ମାଟିର ଏ ଶ୍ରାନ୍ତ ପଥିକରେ
ଅଞ୍ଜନ ଟିକେ ଦିଏ ବୋଳି ତା ଆଖି ପତାରେ ।

Digitized by srujanika@gmail.com

ଆଶା

ବିଶାଳ ଏ ପୃଥିବୀର ପ୍ରତି ଲୋମକୂପେ
ଯେତେ ଯା ସୌନ୍ଦର୍ଯ୍ୟ ଝରେ ପ୍ରତି ପଦକ୍ଷେପେ
ତୁଳନା ତା ଯୁଗେ ଯୁଗେ ପାରେ ନାହିଁ ହୋଇ
ଆଶାର ସେ ଜ୍ୟୋତିଠାରୁ ଜ୍ୟୋତି ଆଉ ନାହିଁ ।

ମଧ୍ୟାହ୍ନର ସୂର୍ଯ୍ୟ ସମ ନୁହେଁ ସେ ଶାଣିତ
ଅବା ପୂର୍ଣ୍ଣଚନ୍ଦ୍ର ସମ ନୁହେଁ ଗର୍ବେ ସ୍ଫୀତ
ପାହାନ୍ତିଆ ତାରା ସେ ଗୋ ଏ ଧରଣୀ ତଳେ
ଅସୀମ ଲଜରେ ତାର ଆଖିପତା ଥରେ ।

Digitized by srujanika@gmail.com

ଆଶା

ମନେହୁଏ ଏ ସୃଷ୍ଟିର ଯେତେ ଯାହା ମଧୁ
ମିଶାଇ ଛନ୍ଦଁରେ ସବୁ ସୌନ୍ଦର୍ଯ୍ୟର ସୀଧୁ
ଦେବେ ସବୁ ହୋଇ ବୋଲ, ହସି ହାତ ଠାରି
ପଥିକରେ ଡାକେ, ପ୍ରାଣେ ସିଞ୍ଚି ସୁଧା ବାରି ।

Digitized by srujanika@gmail.com

—ପରଦା—

ଘୁମନ୍ତ ମାନମା ତଳେ ଆଛେ କବି କଳ୍ପନା-ପୂଜାରୀ
ଦୂରେ ଦେଖ ଦୃଷ୍ଟିମେଳ କଳ୍ପନାର ମାୟା-ଜାଲ ଶତ,
ନୀରସ ଅନ୍ତରେ ଯହିଁ, ଯାଏ ହଜି ସୁନ୍ଦରର ମୂଲ
ତାହାରି ଭିତରେ ଆଛେ ଆଶାବାଦ ! ଆଶା-ଦୀପ ଜାଳ ।

ବାଆଷଠି

Digitized by srujanika@gmail.com

ପରଦା

ହୋଟେଲ୍ ଚିମ୍ନାର ଯନ୍ତ୍ରିଁ ଝରି ଥରି ଉପରକୁ ଯାଏ
ତୁମରି କଳ୍ପନା ଜାଲ ତଳେ ଧୂଆଁ କୁଣ୍ଡଳ ଖେଳାଏ
ତୁମେ କବି, ଯାଅ ହଜି ଗହଳିଆ ସେଇ ଧୂଆଁ ଧାରେ
ଭୁଲିଯାଅ ବାସ୍ତବକୁ କୁହେଳିଆ ପରଦା ଭିତରେ
ତାହାରି ଭିତରେ ତୁମେ ବୁଲ ଖୋଜ ବିଜୁଳି ଝଲକ
ଦାମ୍ଭିକ ହେ କବି, ତୁମେ ବୃଥା ତୁମ କଳ୍ପନା ଅଳୀକ ।

Digitized by srujanika@gmail.com

—୯ମ ପାଖୁଡ଼ା—

କାକରଧୂଆ ଏ ସଜ ସକାଳେ
ଆଶା-ଫୁଲ ଆଜ ଫୁଟିବ ନ
ଅସୀମ ଭିତରେ ସୀମାର ଦେଖା
ଭ୍ରାନ୍ତ ତାହାରେ କରିବ ନ ।

Digitized by srujanika@gmail.com

ଝରା ପାଖୁଡ଼ା

ପ୍ରେମିକ ଫେରିଲା ପ୍ରୀତି-ଭରା ଖାଲି ହତାଶା
କାମୁକ ଫେରିଲା ଉଚ୍ଛୁଳାଇ ତାର ପିପାସା

ମନର ରୁଦ୍ଧ ଦୁଆର ଠେଲି
ତରୁଣୀ ଦେଖିଲା ଚାହିଁ ଚାହିଁ
ଶତ ଯଉବନ ଶୋଭାର ଭାରେ
ନିଃସ୍ୱ ସେ ଆଜ ସବୁ ଥାଇ ।

*　　*　　*　　*

Digitized by srujanika@gmail.com

ଝଙ୍ଗା ପାଖୁଡ଼ା

ପାହାନ୍ତ ତାସର ନବଡ଼ ପରଶେ
ଆକୁଳ ହୁଏ ଯେ ପ୍ରାଣ
ଜନମ ନ ଲଭୁଁ ମରିଯାଏ ଯିଏ
ତା ଲଗି ଝୁରେ ମୋ ମନ ।

ଛଅଷ୍ଟି

Digitized by srujanika@gmail.com

ଭ୍ରମ ସୂଚୀ

ପୃଷ୍ଠା	ଅଶୁଦ୍ଧ	ଶୁଦ୍ଧ
ପଇଁତିରିଶି	ଫଗୁଣର	ଫଗୁଣ
ଅଣଚାଳିଶି	ହସନ୍ତ	ହସନ୍ତୁ
ଚାଳିଶ	ଶନ୍ୟ	ଶୂନ୍ୟ
ବୟାଳିଶି	ଭୁମର	ଭ୍ରମର
ଛୟାଳିଶି	ଦୃଷ୍ଟ	ଦୃଷ୍ଟି

Digitized by srujanika@gmail.com

ଆଜ ଏଥି 'ସୁନ୍ଦରର' ପଥ
ମଳନର ହ୍ରେଷା ରବେ ହୋଇଅଛି ରୁଦ୍ଧ, ପ୍ରତିହତ ।

ଶୋଷଣର ନିର୍ମମ ସ୍ୟନ୍ଦନ
ପିଷ୍ଟ କରେ ଜୀବନର ଲାଞ୍ଛିତ ଗୁରୁ ପଦ୍ମବନ ।

ଅନଶନେ, ଅନାଟନେ ଶତ
ମଣିଷ ପାଟପାଖ ଅଛି ସତ୍ୟ, ଶିବ, ସୁନ୍ଦରର ପଥ ।

'ବାଙ୍କ ରାଉତ'........ ....(ସଚ୍ଚି ରାଉତରାୟ)

ସୃଷ୍ଟିକୁ ସୁସଜ୍ଜିତ ସୁନ୍ଦର କରିବାକୁ ଯାଇ ମଣିଷ ନିଜ
ହାତରେ ମଣିଷକୁ କି ସାଜରେ ସଜାଇ
ସଂସାରର ବାଟରେ ଚଳାଏ; ତାହାର
କେତୋଟି କରୁଣ ଚିତ୍ର ଦେଖିବାକୁ ଚାହୁଁଥିଲେ

'ସଭ୍ୟତାର ସାଜ' ଦେଖନ୍ତୁ ।

(ମୂଲ୍ୟ—ଦେଢ଼ ଟଙ୍କା)

ଲେଖିକା—

ଶ୍ରୀମତୀ ବସନ୍ତକୁମାରୀ ପଟ୍ଟନାୟକ ଏମ୍. ଏ,

ଓଡ଼ିଶାର ସମସ୍ତ ବିଶିଷ୍ଟ ବହି ଦୋକାନ ଓ

ଶାନ୍ତି-ନିବାସ ବାଣୀ ମନ୍ଦିର, ପୁରୀଘାଟ, କଟକରେ ମିଳେ

Digitized by srujanika@gmail.com

"ଆସିଲ ଝଡ଼ ଲେ ଆସିଲ ଝଞ୍ଜା ବଇଶାଖୀ
ଚମକାଇ ମନ ବଜ୍ର ବିଜୁଳି ଗଲ ଡାକି,

ହଜିଲ ଆଲୁଅ ଆସିଲ ତା ପଛେ ଅନ୍ଧାର
ଦୁର୍ବହ ଆଜି ଲଗେ ଜୀବନର ସେତିକ ଭାର ।"

'ଶତାନଲ'

ଖସଡ଼ା ବାଟରେ ଥରେ ଗୋଡ଼ ଖସିଲେ ମଣିଷର ଚେତନା ଆସେ, କିନ୍ତୁ ତହିଁରୁ ବର୍ତ୍ତିବାର ଉପାୟ ?

ଶ୍ରୀମତୀ ବସନ୍ତକୁମାରୀ ପଟ୍ଟନାୟକଙ୍କର

'ଭଉଁରୀ' ଦେଖନ୍ତୁ ।

ପ୍ରାପ୍ତିସ୍ଥାନ — ଓଡ଼ିଶାର ସମସ୍ତ ବିଶିଷ୍ଟ ବହି ଦୋକାନ ଓ

ଶାନ୍ତି ନିବାସ ବାଣୀ ମନ୍ଦିର, ପୁରୀଘାଟ ରୋଡ଼, କଟକ—୧

Digitized by srujanika@gmail.com

"ବୁକୁ-ଭରା ଶତ ଆଶା କଳପନା ଜୀବନରେ
କୁଞ୍ଜ ନ ଲଭି ଛନ୍ଦ ହେବ ଲୋ ପଥପରେ ।

ଭାବନା ଜୁଆରେ ଫେରିବାକୁ ଗୃହ୍ନୁଁ ଚନ୍ତେ ଯାର
ବାସ୍ତବ ଭଟ୍ଟା ପେଲ ନେଇଯିବ ଦୂରେ ତାର ।"

'ଶତାନଳ'

ମଣିଷ ଭାବନାରେ ଭାସିଗଲାବେଳେ ଯାହା କଳ୍ପନାରେ ଦେଖେ, ବାସ୍ତବ ଦୁନିଆରେ କଣ ତାହା ପାଏ ? ଏ ପ୍ରଶ୍ନର ସମାଧାନ କରିଛି

'ଜୁଆର ଭଟ୍ଟା'

(ମୂଲ୍ୟ—ଦେଢ଼ ଟଙ୍କା)

ଲେଖିକା—ଶ୍ରୀମତୀ ବସନ୍ତକୁମାରୀ ପଟ୍ଟନାୟକ

ପ୍ରାପ୍ତିସ୍ଥାନ—ଓଡ଼ିଶାର ସମସ୍ତ ବିଶିଷ୍ଟ ବହି ଦୋକାନ ଓ
ଶାନ୍ତି ନିବାସ ବାଣୀ ମନ୍ଦିର, ଘୁଷୁଘାଟ ରୋଡ୍,କଟକ—୧

Digitized by srujanika@gmail.com